# Visit of Vice President of India to Gabon, Senegal and Qatar (May 30-June 07, 2022)

May 26, 2022

## ଭାରତର ଉପରାଷ୍ଟ୍ରପତିଙ୍କ ଗାବନ, ସେନେଗାଲ ଏବଂ କତାର ଗସ୍ତ (30 ମଇ - 07 ଜୁନ 2022)

**ମଇ 26, 2022**

ଉପରାଷ୍ଟ୍ରପତି ଶ୍ରୀ ଭେଙ୍କୟା ନାଇଡୁ 30 ମଇ - 07 ଜୁନ 2022 ଗାବନ, ସେନେଗାଲ ଏବଂ କତାର ଗସ୍ତ କରିବେ। ତାଙ୍କ ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଭାରତୀ ପ୍ରବୀଣ ପାୱାର ଏବଂ ତିନିଜଣ ସାଂସଦ ଯଥାକ୍ରମେ ଶ୍ରୀ ସୁଶୀଲ କୁମାର ମୋଦୀ (ରାଜ୍ୟସଭା), ଶ୍ରୀ ବିଜୟ ପାଲ ସିଂହ ତୋମାର (ରାଜ୍ୟସଭା) ଏବଂ ଶ୍ରୀ ପି ରବିନ୍ଦ୍ରନାଥ (ଲୋକସଭା) ଙ୍କ ସମେତ ଏକ ଉଚ୍ଚସ୍ତରୀୟ ପ୍ରତିନିଧୀ ଦଳ ଗସ୍ତ କରିବ।

2. ଉପରାଷ୍ଟ୍ରପତି ସ୍ତରରେ ଭାରତରୁ ଏହି ତିନୋଟି ଦେଶକୁ ଏହା ପ୍ରଥମ ଗସ୍ତ ହେବ। ଏହା ମଧ୍ୟ ଭାରତରୁ ଗାବନ ଏବଂ ସେନେଗାଲକୁ ପ୍ରଥମ ଉଚ୍ଚସ୍ତରୀୟ ଗସ୍ତ ହେବ। ଗାବନ ଏବଂ ସେନେଗାଲ ଗସ୍ତ ଆଫ୍ରିକା ସହିତ ଭାରତର ଆଦାନ ପ୍ରଦାନକୁ ଗତି ଯୋଗାଇବ ଏବଂ ଆଫ୍ରିକା ମହାଦେଶ ପ୍ରତି ଭାରତର ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେବ। ଭାରତ ଏବଂ କତାର ମଧ୍ୟରେ କୂଟନୈତିକ ସମ୍ପର୍କ ପ୍ରତିଷ୍ଠାର 50 ତମ ବାର୍ଷିକୀ ପାଳନ କରିବାକୁ ଉଭୟ ପକ୍ଷ ପ୍ରସ୍ତୁତ ହେଉଥିବା ବେଳେ ଉପରାଷ୍ଟ୍ରପତିଙ୍କ କତାର ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବ। ଏହି ତିନି ଦଶେ ଗସ୍ତ ସମୟରେ ଅନେକ ଦ୍ୱିପାକ୍ଷିକ ବୁଝାମଣା ଚୂଡାନ୍ତ ହେବ ବୋଲି ଆଶା କରାଯାଉଛି।

**ଗାବନ ଗସ୍ତ (30 ମଇ - 01 ଜୁନ 2022)**

3. ଉପରାଷ୍ଟ୍ରପତି 30 ମଇରୁ 01 ଜୁନ 2022 ପର୍ଯ୍ୟନ୍ତ ଗାବନରେ ରହିବେ। ଏହି ଗସ୍ତ ସମୟରେ ସେ ଗାବନର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀମତୀ ରୋଜ୍ କ୍ରୀଷ୍ଟିଆନ ଓସୁକା ରାପୋଣ୍ଡାଙ୍କ ସହ ପ୍ରତିନିଧୀ ଦଳ ସ୍ତରୀୟ ଆଲୋଚନା କରିବେ। ଉପରାଷ୍ଟ୍ରପତି ଗାବନର ରାଷ୍ଟ୍ରପତି ମାନ୍ୟବର ଶ୍ରୀ ଅଲି ବଙ୍ଗୋ ଓଣ୍ଡିମ୍ବା ଏବଂ ଅନ୍ୟ ବ୍ୟକ୍ତି ବିଶେଷଙ୍କୁ ଭେଟିବେ। ସେ ଗାବନରେ ବ୍ୟବସାୟୀ ସମୁଦାୟ ସହିତ ମଧ୍ୟ ବାର୍ତ୍ତାଳାପ କରିବେ ଏବଂ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିବେ।

4. ଭାରତ ପାଇଁ ଗାବନ ଏକ ଗୁରୁତ୍ୱପୂର୍ଣ୍ଣ ଭାଗିଦାର। ଉଭୟ ଭାରତ ଏବଂ ଗାବନ ବର୍ତ୍ତମାନ ୟୁଏନଏସସିର ଅସ୍ଥାୟୀ ସଦସ୍ୟ ଭାବରେ କାର୍ଯ୍ୟ କରୁଛନ୍ତି। 2021-22 ରେ ଦ୍ୱିପାକ୍ଷିକ ବାଣିଜ୍ୟ 1.12 ବିଲିୟନ ଡ଼ଲାରରେ ପହଞ୍ଚିଛି। ଭାରତୀୟ ବୈଷୟିକ ଓ ଅର୍ଥନୈତିକ ସହଯୋଗ (ଆଇଟିଇସି) ଏବଂ ଆଇସିସିଆର ଯୋଜନା ଅଧୀନରେ ଭାରତ ଦ୍ୱାରା ପ୍ରଦାନ କରାଯାଉଥିବା ଛାତ୍ରବୃତ୍ତି/ତାଲିମ କାର୍ଯ୍ୟକ୍ରମଗୁଡିକରେ ଅନେକ ଗାବନ ନାଗରିକ ଭାଗ ନେଇଛନ୍ତି।

**ସେନେଗାଲ ଗସ୍ତ (01-03 ଜୁନ 2022)**

5. ଉପରାଷ୍ଟ୍ରପତି 01-03 ଜୁନ 2022 ସେନେଗାଲରେ ରହିବେ। ଏହି ଗସ୍ତ ସମୟରେ ସେ ସେନେଗାଲର ରାଷ୍ଟ୍ରପତି ମାନ୍ୟବର ଶ୍ରୀ ମାକି ସଲ୍ଲଙ୍କ ସହ ପ୍ରତିନିଧୀ ଦଳ ସ୍ତରୀୟ ଆଲୋଚନା କରିବେ। ଉପରାଷ୍ଟ୍ରପତି ରାଷ୍ଟ୍ରୀୟ ସଦନର ସଭାପତି ମାନ୍ୟବର ଶ୍ରୀ ମୁସ୍ତଫା ନିଆସେ ଏବଂ

ଅନ୍ୟ ବ୍ୟକ୍ତି ବିଶେଷଙ୍କୁ ଭେଟିବେ। ସେ ଏକ ବ୍ୟବସାୟ ରାଉଣ୍ଡ ଟେବୁଲ ଆଲୋଚନାରେ ଯୋଗଦେବେ ଏବଂ ଭାରତୀୟ ସମୁଦାୟକୁ ସମ୍ବୋଧିତ କରିବେ।

6. ସେନେଗାଲ ହେଉଛି ଆଫ୍ରିକୀୟ ୟୁନିଅନର ବର୍ତ୍ତମାନର ଅଧ୍ୟକ୍ଷ। 2021-22 ରେ ଭାରତ-ସେନେଗାଲ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ 1.65 ବିଲିୟନ ଡ଼ଲାରରେ ପହଞ୍ଚିଛି। ବିଭିନ୍ନ କ୍ଷେତ୍ରରେ ଭାରତ ମୋଟ 16 ଟି ଲାଇନ ଅଫ୍ କ୍ରେଡିଟ ମାଧ୍ୟମରେ 350 ମିଲିୟନ ଡ଼ଲାର ଏବଂ ବାୟରସ୍ କ୍ରେଡିଟ ମାଧ୍ୟମରେ ପ୍ରାୟ 305 ମିଲିୟନ ଡଲାର ପ୍ରଦାନ କରିଛି। ଆଇଟିଇସି ଅଧୀନରେ ଭାରତର ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ସେନେଗାଲରେ ଲୋକପ୍ରିୟ ଅଟେ। ଭାରତ ଏବଂ ସେନେଗାଲ ମଧ୍ୟରେ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା ହେବାର 60 ତମ ବାର୍ଷିକୀକୁ ଉଭୟ ଦେଶ ପାଳନ କରୁଛନ୍ତି।

**କତାର ଗସ୍ତ (04-07 ଜୁନ 2022)**

7. ଉପରାଷ୍ଟ୍ରପତି 04-07 ଜୁନ 2022 କତାରରେ ରହିବେ। ଏହି ଗସ୍ତ ସମୟରେ ଉପରାଷ୍ଟ୍ରପତି କତାରର ଡେପୁଟି ଆମୀର ମହାମହିମ ଶେଖ ଅବଦୁଲ୍ଲା ବିନ୍ ହମାଦ ଅଲ ଥାନିଙ୍କ ସହ ପ୍ରତିନିଧୀ ଦଳ ସ୍ତରୀୟ ଆଲୋଚନା କରିବେ ଏବଂ ଦ୍ୱିପାକ୍ଷିକ ସହଯୋଗର ସମୀକ୍ଷା କରିବେ। ଉପରାଷ୍ଟ୍ରପତି ଏହି ଗସ୍ତ ସମୟରେ କତାରର ଅନ୍ୟ ବ୍ୟକ୍ତି ବିଶେଷଙ୍କୁ ଭେଟିବେ। ସେ କତାରରେ ଏକ ବ୍ୟବସାୟ ରାଉଣ୍ଡ ଟେବୁଲକୁ ମଧ୍ୟ ସମ୍ବୋଧିତ କରିବେ। ଉପରାଷ୍ଟ୍ରପତିଙ୍କ ଏହି ଗସ୍ତ ଅବସରରେ ଏକ ଗୋଷ୍ଠୀ ସ୍ୱାଗତ ସମାରୋହ ଅନୁଷ୍ଠିତ ହେବ, ଯେଉଁଠାରେ ସେ କତାରରେ ଥିବା ଭାରତୀୟ ସମୁଦାୟର ସଦସ୍ୟମାନଙ୍କୁ ସମ୍ବୋଧିତ କରିବେ।

8. ଭାରତ ଏବଂ କତାର ମଧ୍ୟରେ ଥିବା ଐତିହାସିକ ସମ୍ପର୍କ ଉଭୟ ଦେଶର ଲୋକମାନଙ୍କ ମଧ୍ୟରେ ସମ୍ପର୍କ ଉପରେ ଆଧାରିତ। କତାରରେ 750,000 ରୁ ଅଧିକ ଭାରତୀୟ ବସବାସ କରନ୍ତି। ଉଭୟ ପକ୍ଷର ବହୁମୁଖୀ ସହଯୋଗରେ ଆର୍ଥିକ, ଶକ୍ତି, ପୁଞ୍ଜି ବିନିଯୋଗ, ଶିକ୍ଷା, ପ୍ରତିରକ୍ଷା ଏବଂ ସାଂସ୍କୃତିକ ସମ୍ପର୍କରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। 2021-22 ଆର୍ଥିକ ବର୍ଷରେ ଦ୍ୱିପାକ୍ଷିକ ବାଣିଜ୍ୟ 15 ବିଲିୟନ ଡ଼ଲାର ଅତିକ୍ରମ କରିଛି। କତାର ମଧ୍ୟ ଗତ ଦୁଇ ବର୍ଷ ମଧ୍ୟରେ ବିଭିନ୍ନ ଭାରତୀୟ କମ୍ପାନୀରେ 2 ବିଲିୟନ ଆମେରିକୀୟ ଡଲାରରୁ ଅଧିକ ପୁଞ୍ଜି ବିନିଯୋଗ କରିଛି।

**ନୂଆଦିଲ୍ଲୀ**

**ମଇ 26, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.